# NATIONAL NEWS BULLETIN (ODIA)

**30 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୨ ଦିନିଆ ଜାପାନ ଗସ୍ତ ସଫଳତାର ସହ ଶେଷ କରି ଚୀନ୍‌ର ତିଆନଜିନ୍ ଅଭିମୁଖେ ଯାତ୍ରା କଲେ ପ୍ରଧାନମନ୍ତ୍ରୀ

- ତିଆନ୍‌ଜିନ୍‌ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗ ଦେବେ ପ୍ରଧାନମନ୍ତ୍ରୀ

- ନଏଡାଠାରେ ଟେମ୍ପର୍ଡ ଗ୍ଲାସ୍ ନିର୍ମାଣ ପ୍ଲାଣ୍ଟକୁ ଉଦ୍‌ଘାଟନ କଲେ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ

- ସୁଦାନର ଉତ୍ତର ଡାରଫୁର୍‌ରେ ହିଂସାତ୍ମକ ଘଟଣା ବୃଦ୍ଧି ନେଇ ଚିନ୍ତା ପ୍ରକଟ କଲେ ଜାତିସଂଘ ମହାସଚିବ

ଏବଂ

- ଚୀନ୍‌ର ହାନ୍‌ଜାଓଠାରେ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବ ମହିଳା ଏସୀୟ କପ୍-୨୦୨୫ ପ୍ରତିଯୋଗିତା

## ପିଏମ୍-ଜାପାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ଜାପାନ ଗସ୍ତ ଶେଷକରି ଆଜି ଚୀନ୍‌ର ତିଆନ୍‌ଜିନ୍ ଅଭିମୁଖେ ଯାତ୍ରା କରିଛନ୍ତି । ସେଠାରେ ପ୍ରଧାନମନ୍ତ୍ରୀ ଚୀନ୍ ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କ ନିମନ୍ତ୍ରଣକ୍ରମେ ସାଂଘାଇ ସହଯୋଗ ସଂଗଠନ-ଏସ୍‌ସିଓ ସମ୍ମିଳନୀରେ ଯୋଗଦେବେ ।

ଶ୍ରୀ ମୋଦୀ ସଫଳତାର ସହ ଦୁଇଦିନିଆ ଜାପାନ ଗସ୍ତ ଶେଷ କରିଛନ୍ତି । ପଞ୍ଚଦଶ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବା ସହ ପ୍ରଧାନମନ୍ତ୍ରୀ ଟୋକିଓଠାରେ ୧୬ଟି ପ୍ରଶାସନିକ କ୍ଷେତ୍ରର ଗଭର୍ଣ୍ଣରଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ଜାପାନ ଦ୍ୱିପାକ୍ଷିକ ସଂପର୍କର ନୂତନ କ୍ଷେତ୍ରଗୁଡ଼ିକ ଉପରେ ମାର୍ଗ ଉନ୍ମୋଚନ କରିବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା, ନବସୃଜନ, ଭିତ୍ତିଭୂମି ବିକାଶ, ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ସହଭାଗିତା ନେଇ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଭାରତର ଅଭିବୃଦ୍ଧି ଯାତ୍ରାରେ ସାମିଲ ହେବାକୁ ଶ୍ରୀ ମୋଦୀ ଗଭର୍ଣ୍ଣରମାନଙ୍କୁ ଅନୁରୋଧ କରିଛନ୍ତି । ଆଲୋଚନା ବୈଠକ ପରେ ଶ୍ରୀ ମୋଦୀ ଏବଂ ଜାପାନ ପ୍ରତିପକ୍ଷ ଶିଗେରୁ ଇସିବା' ସିନ୍‌କାନ୍‌ସେନ୍ ବୁଲେଟ୍ ଟ୍ରେନ୍ ଯୋଗେ ଯାତ୍ରା କରି ମିଆଗି ପ୍ରଦେଶର ସେଣ୍ଡାଇସ୍ଥିତ ଟୋକିଓ ଇଲେକ୍‌ଟ୍ରୋଲ୍ ଫ୍ୟାକ୍ଟ୍ରି ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେଠାରୁ ସେ ଏସ୍‌ସିଓ ଶିଖର ସମ୍ମିଳନୀରେ ଯୋଗଦେବା ଲାଗି ଚୀନ୍‌କୁ ଯାତ୍ରା ଆରମ୍ଭ କରିଛନ୍ତି । ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀ ଅବସରରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ପ୍ରାୟ ଅଢ଼େଇଘଣ୍ଟା ଏକତ୍ର ବିତାଇଛନ୍ତି । ଏହି ଅବସରରେ ଉଭୟ ନେତା ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଉଭୟଙ୍କ ଉପସ୍ଥିତିରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଦ୍ୱିପାକ୍ଷିକ ସହଭାଗିତା ଅଧିକ ସୁଦୃଢ଼ ହେବା ନେଇ ଆଶା କରାଯାଉଛି । ଆଲୋଚନା ପରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ୧୦ ବର୍ଷ ମଧ୍ୟରେ

ଜାପାନ୍‌ରୁ ୧୦ ଟ୍ରିଲିୟନ୍ ୟେନ୍ ନିବେଶ ନେଇ ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜାପାନୀ କମ୍ପାନୀ ଗୁଡ଼ିକୁ ମେକ୍ ଇନ୍ ଇଣ୍ଡିଆ ଅଭିଯାନରେ ସହଯୋଗୀ ହୋଇ ଏହାକୁ ମେକ୍ ଫର୍ ଦ୍ ୱାର୍ଲ୍ଡ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

**V/O (PM 10 Trilion)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଉଭୟ ଦେଶ ମଧ୍ୟରେ ମାନବ ସମ୍ବଳ ବିନିମୟ ଏବଂ ସହଯୋଗ ପାଇଁ ଯୋଜନା ଘୋଷଣା କରାଯାଇଛି । ଆସନ୍ତା ୫ ବର୍ଷରେ ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ୫ ଲକ୍ଷରୁ ଅଧିକ ଲୋକଙ୍କୁ ନିୟୋଜିତ କରିବେ ।

---

# ଏସ୍‌ସିଓ ସମିଟି

ଚୀନ୍‌ର ତିଆନ୍‌ଜିନ୍‌ଠାରେ ଆସନ୍ତାକାଲି ୨୫ତମ ସାଂଘାଇ ସହଯୋଗ ସଂଗଠନ-ଏସ୍‌ସିଓ ଶିଖର ସମ୍ମିଳନୀ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁଇଦିନିଆ ସମ୍ମିଳନୀରେ ଅଂଶ ଗ୍ରହଣ କରିବା ସହ ସଦସ୍ୟ ରାଷ୍ଟ୍ରଗୁଡ଼ିକର ନେତୃବୃନ୍ଦଙ୍କ ସହ ଆଲୋଚନା ବୈଠକରେ ଯୋଗଦେବେ । ସମ୍ମିଳନୀରେ ୨୫ବର୍ଷର ଏସସିଓ ସଂଗଠନର କାର୍ଯ୍ୟଧାରା, ସଫଳତା ଏବଂ ଦଶନ୍ଧିର ବିକାଶ ରଣନୀତି ଉପରେ ମତ ବିନିମୟ ହେବ । ପଞ୍ଚମଥର ପାଇଁ ଚୀନ୍ ଏହି ସମ୍ମିଳନୀର ଆୟୋଜନ କରୁଛି । ରାଷ୍ଟ୍ରପତି ଶି. ଜିନ୍‌ପିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏସ୍‌ସିଓ ବୈଠକରେ ୨୦ରୁ ଅଧିକ ରାଷ୍ଟ୍ରମୁଖ୍ୟ ଏବଂ ୧୦ ଜଣ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟ ଯୋଗ ଦେବେ।

ଆଜି ଅପରାହ୍ନରେ ଶ୍ରୀ ମୋଦୀ ତିଆନ୍‌ଜିନ୍‌ଠାରେ ପହଞ୍ଚିବେ ।

---

# ଅଶ୍ୱିନୀ- ଟେମ୍ପର୍ଡ ଗ୍ଲାସ୍

ଉତ୍ତରପ୍ରଦେଶର ନଏଡା ଠାରେ ଟେମ୍ପର୍ଡ ଗ୍ଲାସ୍ ନିର୍ମାଣ ପ୍ଲାଣ୍ଟକୁ ଆଜି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ଘାଟନ କରିଛନ୍ତି । ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଏହି ପ୍ଲାଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ବୈଦ୍ୟୁତିକ ଉପକରଣ ଉତ୍ପାଦନ କ୍ଷେତ୍ରରେ ଗତ କିଛିବର୍ଷ ମଧ୍ୟରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି ।

ଦେଶରେ ବୈଦ୍ୟୁତିକ ଉପକରଣ ଉତ୍ପାଦନ ଇକୋ ସିଷ୍ଟମ୍ ଅଧିକ ସୁଦୃଢ଼ ହୋଇଛି । ମୋବାଇଲ୍, ଲ୍ୟାପ୍‌ଟପ୍ ଏବଂ ଅନ୍ୟାନ୍ୟ ଉପକରଣ ପାଇଁ ବୈଦ୍ୟୁତିକ ଉପାଦାନ ଦେଶରେ ନିର୍ମାଣ କରାଯାଉଛି ଏବଂ ବୈଦ୍ୟୁତିକ ଉତ୍ପାଦନ ଇତିମଧ୍ୟରେ ୬ ଗୁଣ ବୃଦ୍ଧି ପାଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି :

**V/O**

---

# ୟୁଏନ୍-ସୁଦାନ

ସୁଦାନର ଉତ୍ତର ଡାରଫୁରରେ ବୃଦ୍ଧି ପାଉଥିବା ହିଂସାତ୍ମକ ଘଟଣା ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଚିନ୍ତା ପ୍ରକଟ କରିଛନ୍ତି । ଏଲ୍‌ଫାସର ବିରୁଦ୍ଧରେ ରାପିଡ୍ ସପୋର୍ଟ ଫୋର୍ସ କର୍ମୀଙ୍କ ଆକ୍ରମଣକୁ ଶ୍ରୀ ଗୁଟେରସ୍ ନିନ୍ଦା କରିଛନ୍ତି । ମହାସଚିବଙ୍କ ମୁଖପାତ୍ର ଏକ ବିବୃତିରେ କହିଛନ୍ତି, ଆଲ୍‌ଫାସର ୫୦୦ଦିନରୁ ଅଧିକ ସମୟ ଧରି କଡ଼ା ଘେରାବନ୍ଦୀ ବଳୟ ମଧ୍ୟରେ

ରହିଛି । ବହୁ ନାଗରିକ ସେହି ଅଞ୍ଚଳରେ ଅଟକି ରହିଥିବା ମୁଖପାତ୍ର କହିଛନ୍ତି । ଅନ୍ତର୍ଜାତୀୟ ମାନବିକ ଆଇନର ଏହା ଉଲ୍ଲଂଘନ ଏବଂ ଜାତିଗତ ହିଂସା ତଥା ମାନବିକତା ପ୍ରତି ଏହା ଗମ୍ଭୀର ପରିସ୍ଥିତି ସୃଷ୍ଟି କରିଛି ବୋଲି ସେ କହିଛନ୍ତି । ଗତ ୧୧ ତାରିଖଠାରୁ ଅଲ୍‌ଫାସର ଅଞ୍ଚଳରେ ଅତିକମ୍‌ରେ ୧୨୫ଜଣ ସାଧାରଣ ନାଗରିକଙ୍କର ହତ୍ୟା ହୋଇଥିବା ଜାତିସଂଘ ସୂଚନା ଦେଇଛି । ତେବେ ପ୍ରକୃତ ମୃତ୍ୟୁସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି ।

---

## ବାଂଲାଦେଶ-କ୍ଲାସେସ୍

ବାଂଲାଦେଶର ଢ଼ାକା ଅନ୍ତର୍ଗତ କାକରାଇଲ୍ ଠାରେ ଗତ ସନ୍ଧ୍ୟାରେ ୨ଟି ରାଜନୈତିକ ଦଳର କର୍ମୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା । ଜାତୀୟ ପାର୍ଟି ଜାପା ଏବଂ ଗୋନୋ ଅଧିକାର ପରିଷଦର କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ଏଥିରେ ଉଭୟ ପକ୍ଷରୁ ଅନେକ ଲୋକ ଆହତ ହୋଇଛନ୍ତି । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସେନା ଏବଂ ପୋଲିସ୍ ମୁତୟନ କରାଯାଇଥିଲା ବୋଲି  ସେଠାକାର କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି ।

---

## ୟୁଏସ୍-ଭିସା ଡେନିୟାଲ୍

ଆସନ୍ତା ମାସରେ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ ଅଧିବେଶନରେ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ରାଷ୍ଟ୍ରପତି ମହମୁଦ୍ ଆବାସ୍‌ଙ୍କୁ ଯୋଗଦେବା ଲାଗି ଅନୁମତି ଦେବେ ନାହିଁ ବୋଲି ଆମେରିକା କହିଛି । ଅନେକ ଆମେରିକୀୟ ସହଯୋଗୀ ପାଲେଷ୍ଟାଇନ୍‌କୁ ଏକ ରାଷ୍ଟ୍ର ଭାବରେ ମାନ୍ୟତା ଦେବାକୁ ସ୍ଥିର କରିଥିବାରୁ ସେମାନେ ଏଭଳି କରିବେ ବୋଲି ଆମେରିକା କହିଛି । ଗତକାଲି ଆମେରିକାର ବୈଦେଶିକ ବିଭାଗ ଏକ

ବିବୃତ୍ତିରେ କହିଛି, ବୈଦେଶିକ ସଚିବ ମାର୍କ ରୁବିଓ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷ ଏବଂ ସେଠାକାର ମୁକ୍ତି ସଂଗଠନ ସଦସ୍ୟଙ୍କ ଭିସାକୁ ପ୍ରତ୍ୟାଖ୍ୟାନ ଏବଂ ରଦ୍ଦ କରୁଛନ୍ତି । ବିବୃତ୍ତି ଅନୁଯାୟୀ ସେମାନେ ପ୍ରତିଶ୍ରୁତି ପାଳନ କରୁନଥିବାରୁ ଆମେରିକାର ଜାତୀୟ ସୁରକ୍ଷା ସ୍ୱାର୍ଥ ଦୃଷ୍ଟିରୁ ଏଭଳି କରାଯାଉଛି ।

ସୂଚନା ଅନୁଯାୟୀ ଆତଙ୍କବାଦକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଅକ୍ଟୋବର ୭ ତାରିଖ ହତ୍ୟାକାଣ୍ଡ ସମେତ ଶିକ୍ଷାରେ ଆତଙ୍କବାଦ ପ୍ରୋତ୍ସାହନକୁ ବନ୍ଦ କରିବା ଭଳି କେତେକ ସର୍ତ୍ତ ମାନିବା ଲାଗି କୁହାଯାଇଥିଲେ ମଧ୍ୟ ସେମାନେ ତାହା କରିନାହାନ୍ତି । ମାର୍କ ରୁବିଓ କହିଛନ୍ତି, ଜାତିସଂଘ ମୁଖ୍ୟାଳୟ ଚୁକ୍ତିନାମା ଅନୁଯାୟୀ ପାଲେଷ୍ଟାଇନ୍ କର୍ତ୍ତୃପକ୍ଷଙ୍କୁ କୋହଳ ପ୍ରଦାନ କରାଯିବ । ଭିସା ରଦ୍ଦ ନିଷ୍ପତ୍ତିର ପୁନର୍ବିଚାର ଏବଂ ପ୍ରତ୍ୟାହାର ପାଇଁ ଆହ୍ୱାନ ଦିଆଯାଇଥିଲେ ମଧ୍ୟ ଜାତିସଂଘରେ ଇସ୍ରାଏଲ୍‌ର ସ୍ଥାୟୀ ପ୍ରତିନିଧି ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି ।

ସୂଚନା ଯୋଗ୍ୟ ଆସନ୍ତା ମାସରେ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଫ୍ରାନ୍ସ, କାନାଡ଼ା, ଅଷ୍ଟ୍ରେଲିଆ ଏବଂ ବ୍ରିଟେନ୍ ପକ୍ଷରୁ ଏକ ପାଲେଷ୍ଟାଇନ୍ ରାଷ୍ଟ୍ରକୁ ମାନ୍ୟତା ଦେବାର ଯୋଜନା ରହିଛି ।

## ୨୦୩୦-ସିଡବ୍ଲ୍ୟୁଜି ବିଡ୍

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଭାରତ ଆନୁଷ୍ଠାନିକ ଭାବେ ପ୍ରସ୍ତାବ ଦାଖଲ କରିଛି । ୨ ଦଶନ୍ଧି ପରେ ଦେଶରେ ଏଭଳି କ୍ରୀଡ଼ା ଆୟୋଜନ କରିବା ଲାଗି ଭାରତ ଉଦ୍ୟମ କରୁଛି । ଗତକାଲି ଲଣ୍ଡନରେ ଭାରତୀୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ଏବଂ ଗୁଜରାଟ ସରକାରଙ୍କ ପ୍ରତିନିଧିତ୍ୱରେ ଏକ

ପ୍ରତିନିଧି ମଣ୍ଡଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଅଧ୍ୟକ୍ଷ ଡକ୍ଟର ଡୋନାଲ୍ଡ ରୁକାରେଙ୍କ ନିକଟରେ ଏହି ବିଡ୍ ଦାଖଲ କରିଥିବା ଜଣାପଡ଼ିଛି । ଅହମ୍ମଦାବାଦ୍‌କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ଖେଳର ଶତବାର୍ଷିକୀ ସଂସ୍କରଣ ପାଇଁ ଆୟୋଜକ ସହର ଭାବେ ଚୟନ କରିଛି । ପ୍ରସ୍ତାବ ଦାଖଲ କରିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ଗୁଜରାଟ କ୍ରୀଡ଼ା ମନ୍ତ୍ରୀ ହର୍ଷ ସାଙ୍ଘଭି କହିଛନ୍ତି, ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପ୍ରସ୍ତାବ ଭାରତର କ୍ରୀଡ଼ା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସେ କହିଛନ୍ତି, ଜାତୀୟ କ୍ରୀଡ଼ା ଦିବସରେ ଏହିଭଳି ନିଷ୍ପତ୍ତି ଭାରତର ଯୁବପିଢ଼ିଙ୍କ ଭବିଷ୍ୟତ ପାଇଁ ଏହାର ଦୃଷ୍ଟିକୋଣକୁ ପରିଭାଷିତ କରୁଛି । ଏହି କ୍ରୀଡ଼ା 'ବସୁଧୈବ କୁଟୁମ୍ବକମ୍'ର ପ୍ରାଚୀନ ନୀତି ଉପରେ ଆଧାରିତ ହେବ । ଭାରତୀୟ ଅଲିମ୍ପିକ୍ ସଂଘ ସଭାପତି ପି.ଟି. ଉଷା କହିଛନ୍ତି, ଏହି ନିଲାମ୍ ପ୍ରକ୍ରିୟାରେ ସାମିଲ ହେବା ଦେଶର କ୍ରୀଡ଼ା ମୂଲ୍ୟବୋଧକୁ ପ୍ରଦର୍ଶନ କରୁଛି ।

## ୱିମେନ୍ସ ହକି

ମହିଳା ଏସୀୟ କପ୍ ୨୦୨୫ ପ୍ରତିଯୋଗିତା ଆସନ୍ତା ଶୁକ୍ରବାରଠାରୁ ଚୀନ୍‌ର ହାନ୍‌ଜାଓଠାରେ ଆରମ୍ଭ ହେବ । ସଲିମା ଟେଟେଙ୍କ ନେତୃତ୍ୱାଧୀନ ୨୦ ଜଣିଆ ଭାରତର ମହିଳା ହକି ଦଳ ଏଥିରେ ଅଂଶ ଗ୍ରହଣ କରିବା ଲାଗି ଯାତ୍ରା କରିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ବିଜୟ ହାସଲ କରି ଭାରତୀୟ ମହିଳା ଦଳ ଆସନ୍ତା ୨୦୨୬ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପ୍ରତିଯୋଗିତାରେ ସ୍ଥାନ ସୁରକ୍ଷିତ କରିବାକୁ ପ୍ରୟାସ କରିବ । ଏସୀୟ କପ୍ ପ୍ରତିଯୋଗିତା ଉପରେ ଆଲୋକପାତ କରି ଅଧିନାୟିକା ସଲିମା କହିଛନ୍ତି, ହକି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଏକ ବଳିଷ୍ଠ ମଞ୍ଚ ପ୍ରଦାନ କରିବ । ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର୍ ଫୋର୍ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଭାରତ ପ୍ରାଥମିକ ସ୍ତରରେ

ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି । ୨୦୦୪ ଏବଂ ୨୦୧୭ରେ ଭାରତ ମହିଳା ଏସୀୟ କପ୍ ହକି ଟାଇଟଲ୍ ହାସଲ କରିଥିଲା ।